ନୂତନ

# ନବୀନ ପାଠ

( ନବସାକ୍ଷରଙ୍କ ନିମନ୍ତେ )

GIFTED BY
RAJA RAMMOHUN ROY
LIBRARY FOUNDATION
110, JODHPUR PARK
CALCUTTA-700068

ଲେଖକଦ୍ୱୟ
ଶ୍ରୀ ଏ. ଆର. ଖାଁ, ଏଲ୍. ଟି
ଅବସରପ୍ରାପ୍ତ ଶିକ୍ଷାସମୂହର ଇନ୍‌ସପେକ୍ଟର
ଓ
ଶ୍ରୀ ପରମାନନ୍ଦ ଖଣ୍ଡାଇ
ଭୂତପୂର୍ବ ଶିକ୍ଷକ, ମନ୍ମଥନାଥ ହାଇସ୍କୁଲ, ପଞ୍ଚାମୁଣ୍ଡାଲ
ସଂଶୋଧକ
ଶ୍ରୀ ନୃସିଂହ ପ୍ରସାଦ ମିଶ୍ର

ନୂତନ ମୁଦ୍ରଣ
୧୯୭୭

ପ୍ରକାଶକ
ଆର୍ଯ୍ୟ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ—୨





ଘର ବର





ଚକ ନଖ





ଓଟ ଏକ






# ଈଷ

# ଶଳ





# ଗଛ

# ନଈ

| | | | | |
|---|---|---|---|---|
| ଅଣ | ଆଈ | ଈଷ | ଊନ | ରଣ |
| ଉଇ | ଆସ | ଋଣ | ଶଳ | ନଳ |
| ଧର | ଗଛ | ଚକ | ଜଳ | ଠକ |
| ଖର | ଘଟ | ଛକ | ଝର | ଡର |





# ରଥ　　　　ବଗ





# ଗଧ　　　　ଶର

| | | | | |
|---|---|---|---|---|
| ତମ | ଧନ | ଭଲ | ଲଘୁ | ଗରବ |
| ତପ | ପଟ | ମନ | ଯଶ | ଖବର |
| ଥର | ଫଳ | ଯମ | ଚଷ | ଅଳସ |
| ଦଶ | ବଢ଼ | ରଚ | ରସ | ବସନ |





# ଖଟ ଅରଟ





# କରତ ଫଳ

| | | | |
|---|---|---|---|
| ରଖ | ବଳ | କଟକ | ଅମଳ |
| ଖର | ଥଳ | ଅଟକ | ଅଧର |
| ଖଗ | ଅଖ | ଅଚଳ | ବରଫ |
| ଖଳ | ଅଗ | ଖବର | ଗରଳ |





# ଟଗର ମଟର





# ବଳଦ କଇଥ

| | | | |
|---|---|---|---|
| ବଟ | ମଗର | ନଗଦ | ରକତ |
| ଘଟ | ଧରମ | ମଦନ | କରତ |
| ଟଗର | ମରମ | କନକ | ଖଇର |
| ରଟରଟ | ଗରମ | କରମ | ଖରଚ |





# କଳସ ପଣସ





# ମଇ ଔଷଧ

| | | |
|---|---|---|
| ରସ | ଖଇ | ଆଠ ପଣ ଛଣ ଅଣ । |
| ସର | ବଣ | ଛଅ ଜଣ ଛପର କର । |
| ଷସ | ଗଣ | ମଦନ, ବସ । ଅଳସ |
| ବସ | ଛଣ | ନ କର । ଜର ଔଷଧ । |





# ଜଟ　　ହଳି





# ଝର　　ପଇଡ଼

ଜନକ　କରଜ　ଗରଜ　ମଗଜ　ଜଳ

କରଜ ନ କର।　ଜଳ ଗରମ କର ।

ପବନ ବହଇ।　ଟଗର ମହକଇ ।

ହରଡ ଗଉଡ　ଝପଟ ଝଅଟ କହ ।





# କଉ ଶୟନ





# ଯଅ କଢ଼

ପଲ ବଡ଼ ରଥ ଗଛ ପଲମ

ଭଲ ଅସଲ ନକଲ ମଲମ

ଛଗ ନୟନ ଉଦୟ ସମୟ

ଗଢ଼ ଶୟନ କର ଭଲ କଲମ

# [illegible]

ପଢ଼

| | | | | | | | | |
|---|---|---|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ | ଋ | ଏ | ଐ |
| ଓ | ଔ | କ | ଖ | ଗ | ଘ | ଙ | | |
| ଚ | ଛ | ଜ | ଝ | ଞ | | | | |
| ଟ | ଠ | ଡ | | | | | | |
| ଢ | ଣ | ତ | ଥ | ଦ | | | | |
| ଧ | ନ | ପ | ଫ | ବ | ଭ | ମ | | |
| ଯ | ର | ଲ | ଶ | ଷ | ସ | ହ | ୟ | ଳ |

## ଆ-କାର ବନା

**କ+ଆ=କା** **ଖ+ଆ=ଖା**

ଗା ଘା ଚା ଛା ଜା ଝା ଟା ଠା ଡା ଢା ଣା ତା ଥା ଦା ଧା ନା

ପା ଫା ବା ଭା ମା ଯା ରା ଲା ଶା ଷା ସା ହା





**ଗାଈ** **ନାକ** **କାନ**

| | | | | |
|---|---|---|---|---|
| ଭାଇ | ବାଘ | ରାଜା | ରାମାୟଣ | କ-କା |
| ଗାଈ | ମାଘ | ଅଜା | ଉଣାଇଶ | ଗ-ଗା |
| ଚାଷ | ଦାତା | ବାଟ | ବାଇଗଣ | ନ-ନା |
| ବାସ | ମାତା | ଘାଟ | ପାଠଶାଳା | ପ-ପା |
| ବାର | ମାସ | ସଭା | ନାରାୟଣ | ର-ରା |

ଯାଦବ ବସଇ । ମାଧବ ହସଇ । ଆକାଶର ତାରା । ବରଷାର ଧାରା । ପାହାଡ଼ର ତଳ । ଭଲ ଝର ଜଳ । ଉମା ଭାଇ ରାମ । ଉଷା ଭାଇ ଶାମ । ଚାଷ କର । ଧାନ କାଟ । ଚାଲ ଭାଇ, ଭଲ ବାଟ ।



ଡାମରା କାଉ ! ଡାମରା କାଉ !
କା ଆ କା ଆ ଗାଇ **କଅଣ** ପାଉ ?
ଚାଉଳ ଆଧାର ଖା ଆମର,
ଭାଇର ବାରତା କହ ଏଥର ।

**ବାର**

## ହ୍ରସ୍ୱ ଇ-କାର ବନା

କ+ଇ=କି                    ଖ+ଇ=ଖି

ଗି ଘି ଚି ଛି ଜି ଝି ଟି ଠି ଡି ଢି ଣି ତି ଥି ଦି ଧି ନି ପି ଫି ବି

ଭି ମି ଯି ରି ଲି ଶି ଷି ସି ହି







# ଘଡ଼ି    ବିରାଡ଼ି    ମାଛି

| | | | | |
|---|---|---|---|---|
| ଦିନ | ରବି | ଶିଶିର | କଲିକତା | କା-କି |
| ଜାତି | ଛବି | ଦିବସ | ମାଗିଖିଆ | ବ-ବି |
| ଖଣି | ମିଛ | ହରିଣ | ଇତିହାସ | ତ-ତି |
| ଋଷି | ରାତି | ବାଳିକା | ତରକାରି | ର-ରି |

ଝିଅଟିଏ । ତାର ନାମ କମଳା । ମାଠିଆଟିଏ ଧରି କମଳା ନଈକି ଗଲା । ପାଣି ମାଠିଆଟିଏ ଆଣିଲା । ବାଟ ପାକ ଖସଡ଼ା । କମଳାର ପାଦ ଖସିଗଲା । ମାଠିଆଟି ପଡ଼ି ଫାଟିଗଲା । କମଳା କାନ୍ଦିଲା ।



ହରିଣ ନଦୀଏ ଧରି ।    ଦଉଡ଼ନା ବଡ଼ ଖରି ।
ଅରଣା ମହର୍ଷି ରହିଛି ଅନାଇ ।  ମହର୍ଷିର ପାଖ ନ ଯାଅ ଦନାଇ ।

## ହ୍ରସ୍ୱ ଉ-କାର ବନା

କ+ଉ=କୁ　　　　　ଖ+ଉ=ଖୁ

ଗୁ ଘୁ ଚୁ ଛୁ ଜୁ ଝୁ ଟୁ ଠୁ ଡୁ ଢୁ ଣୁ ତୁ ଥୁ ଦୁ ଧୁ

ନୁ ପୁ ଫୁ ବୁ ଭୁ ମୁ ଯୁ ରୁ ଲୁ ଶୁ ଷୁ ସୁ ହୁ କ୍ଷୁ







# କୁଆ　　ଫୁଲ　　ଭାଲୁ

| | | | | |
|---|---|---|---|---|
| ମଧୁ | ସାରୁ | ଝୁମୁକା | ରଘୁନାଥ | କ-କୁ |
| ଲୁଗା | ଆଳୁ | ବାଣୁଆ | ଯଦୁମଣି | ଲ-ଲୁ |
| ମୁଖ | ଆଖୁ | ମଧୁର | ଗୁରୁବାର | ଛ-ଛୁ |
| ସୁନା | ଛତୁ | ପୁରୁଣା | କୁଳୁକୁଳୁ | ପ-ପୁ |
| ମୁନି | ପଶୁ | ପୁରୁଷ | ପୁଲକିତ | ଙ-ଙୁ |

ବିଲୁଆ ବଡ଼ ଚତୁର । ପଇଡ଼ ବଡ଼ ମଧୁର । ବଉଳ ଫୁଲର ବାସ । ଚହଟେ ଚଉପାସ । ଦୀପ ଲଗାଇ ଦିଅ । ଦୁଇ ପଲ ଗାଈ ନିଅ । ଡୁଡୁମାର ଝର । ବିଜୁଳି ଘର ଚାଲ ଯଦୁମଣି ବୁଲିଯିବା ।

ବିଲୁଆ ନନା, ବିଲୁଆ ନନା,
ଭାଲୁଆ ଯାଉଛି ପଛକୁ ଅନା ।
ଦଉଡ଼ ଦଉଡ଼ ବଣକୁ ପଳା,
ଆଉ ଆସିବୁ ନା ଧରିବ ଗଳା ।



## ଏ-କାର ବନା

କ+ଏ=କେ　　　　　　ଖ+ଏ=ଖେ

ଗେ ଘେ ଚେ ଛେ ଜେ ଝେ ଟେ ଠେ ଡେ ଢେ ଣେ ତେ ଥେ ଦେ

ଧେ ନେ ପେ ଫେ ବେ ଭେ ମେ ଯେ ରେ ଲେ ଶେ ଷେ ସେ ହେ





**ଛେଳି　　ପେଚା　　ବେଲ**

| | | | | |
|---|---|---|---|---|
| କେଶ | ଡେଣା | ଗଣେଶ | ରେଲ୍‌ଗାଡ଼ି | ଝ-ଝେ |
| ଖେଳ | ମେଷ | ବଣେଇ | ବେଣୁଧର | ବ-ବେ |
| ମେଘ | ଟେଙ୍କା | ବିଶେଷ | ହେମଲତା | ଚ-ଚେ |
| ତେଲ | ପେଟ | ଆଦେଶ | ବେଳବୁଡ଼ | ଛ-ଛେ |

ଛେଳ ଛୁଆଟିକୁ ଦେଖ । ମେଷ ଛୁଆଟିକୁ ରଖ । ଗାଡ଼ରେ ଲଗାଅ ଅଖ । ପାକଲ ବେଲକୁ ରଖ । ନଡ଼ିଆ ତେଲ ଲଗାଅ । କେଶବ ଲୁଗା ମଗାଅ । ଲେଖା ପଢ଼ାରେ ଦଅ ମନ । ହେଳା ନ କର ଶିଶୁଗଣ । ଖେଳା କରହେ ପଢ଼ା ସାର । ଆତ ଫଳେ ଡାଳେ । ଆଳୁ ଫଳେ ତଳେ । ଉଡ଼ା ଜାହାଜ ଚଢ଼ି, ଯିବା ଆମେ ଉଡ଼ି ।



କାଉ ରବ କେବେ ହେବ କି ମିଠା !
ଶିଆଳ ଗୃଳକେ ଖାଇଲା ପିଠା ।
ଟେକାଟେକି କଥା ଶୁଣନା ଭାଇ,
ଶୁଣିଲେ ବପଦେ ପଡ଼ିବୁ ଭୁହି ।

## ଓ-କାର ବନା

କ+ଓ=କୋ                    ଖ+ଓ=ଖୋ

ଗୋ ଘୋ ଚୋ ଛୋ ଜୋ ଝୋ ଟୋ ଠୋ ଡୋ ଢୋ ଣୋ ତୋ ଥୋ ଦୋ

ଧୋ ନୋ ପୋ ଫୋ ବୋ ଭୋ ମୋ ଯୋ ରୋ ଲୋ ଶୋ ଷୋ ସୋ ହୋ

  

# ଘୋଡ଼ା    ଗୋଡ଼    ଯୋତା

| | | | | |
|---|---|---|---|---|
| ଲୋକ | ଚୋର | ଲୋଚନ | ରସଗୋଲା | କ-କୋ |
| ଶ୍ଲୋକ | ତୋପ | ସୋରିଷ | ସୋମବାର | ଗ-ଗୋ |
| ରୋଗ | ଭୋଗ | ଆଲୋକ | ସହୋଦର | ର-ରୋ |
| ଗୋରୁ | ଟୋକା | ଭୋଜନ | ଦାମୋଦର | ବ-ବୋ |

ଭୋଜନ କର । ରୋଦନ ନ କର । ଢୋଲ ବଜାଅ । ରାମ ମା କୋଳରେ ବସି ଝୁଲୁ ଅଛି । ରୋଷ ଛାଡ଼ । ମନକୁ ତୋଷ କର । ଗୋଲାପ ଫୁଲ ଦିଅ । ଗୋପାଳ ସୁବୋଧ ବାଳକ ଅଟେ । ସେ ମନ ଯୋଗ ଦେଇ ପାଠ ପଢ଼େ ।



କୋଇଲି ଡାକେ କୁ କୁ,
ବିଲୁଆ ଡାକେ ହୋ,
କୁକୁଡ଼ା ଡାକେ କକ୍ କ,
କୁକୁର ଡାକେ ଭୋ ।
ମଧୁର ବିନମ୍ର ବଚନ । କହ ତୋଷିବ ଜନମନ ।

## ଓ-କାର ବନା

କ+ଓ=କୋ　　　　　　　　　　ଖ+ଓ=ଖୋ

ଗୋ ଘୋ ଚୋ ଛୋ ଜୋ ଝୋ ଟୋ ଠୋ ଡୋ ଢୋ ଣୋ ତୋ ଥୋ ଦୋ
ଧୋ ନୋ ପୋ ଫୋ ବୋ ଭୋ ମୋ ଯୋ ରୋ ଲୋ ଶୋ ଷୋ ସୋ ହୋ



# ଘୋଡ଼ା　　ଗୋଡ଼　　ଯୋତା

| | | | | |
|---|---|---|---|---|
| ଲୋକ | ଚୋର | ଲୋଚନ | ରସଗୋଲା | କ-କୋ |
| ଶୋକ | ତୋପ | ସୋରିଷ | ସୋମବାର | ଗ-ଗୋ |
| ରୋଗ | ଭୋଗ | ଆଲୋକ | ସହୋଦର | ର-ରୋ |
| ଗୋରୁ | ଟୋକା | ଭୋଜନ | ଦାମୋଦର | ବ-ବୋ |

ଭୋଜନ କର । ରୋଦନ ନ କର । ଢୋଲ ବଜାଅ । ରାମ ମା କୋଳରେ ବସି ଝୁଲୁ ଅଛି । ରୋଷ ଛାଡ଼ । ମନକୁ ତୋଷ କର । ଗୋଲାପ ଫୁଲ ନିଅ । ଗୋପାଳ ସୁବୋଧ ବାଳକ ଅଟେ । ସେ ମନ ଯୋଗ ଦେଇ ପାଠ ପଢ଼େ ।



କୋଇଲି ଡାକେ କୁ କୁ,
ବିଲୁଆ ଡାକେ ହୋ,
କୁକୁଡ଼ା ଡାକେ କକ୍ କ,
କୁକୁର ଡାକେ ଭୋ ।
ମଧୁର ବିନୟ ବଚନ । କହ ତୋଷିବ ଜନମନ ।

## ଦୀର୍ଘଈ-କାର ବନା

କ+ଈ=କୀ ଖ+ଈ=ଖୀ

ଗୀ ଘୀ ଚୀ ଛୀ ଜୀ ଝୀ ଟୀ ଠୀ ଡୀ ଢୀ ଣୀ ତୀ ଥୀ ଦୀ
ଧୀ ପୀ ଫୀ ବୀ ଭୀ ମୀ ଯୀ ରୀ ଲୀ ଶୀ ଷୀ ସୀ ହୀ କ୍ଷୀ





**ହାତୀ** **କଦଳୀ** **ଦୀପ**

| | | | | |
|---|---|---|---|---|
| ଗୀତ | ଦୀନ | ଶରୀର | ମାନନୀୟ | କ-କୀ |
| ତୀର | ଧନୀ | ଧୀବର | ମହାନଦୀ | ମ-ମୀ |
| ଲୀନ | ଶୀତ | ଜନନୀ | ବିପରୀତ | ଯ-ଯୀ |
| ବୀର | ନୀର | ଧରଣୀ | ଉପବୀତ | ନ-ନୀ |

ହାତୀଟିଏ ଦରଜୀ ଦୋକାନରୁ ନିତି କଦଳୀ ଖାଏ । ଦିନେ ଦରଜୀ ରାଗରେ ହାତୀର ଥୋଡ଼କୁ ଫୋଡ଼ିଦେଲା । ତା ଆରଦିନ ହାତୀ ନିଜ ଥୋଡ଼ରେ କାଦୁଅପାଣି ଆଣିଲା । ସବୁଯାକ କାଦୁଅପାଣି ଦରଜୀ ଦୋକାନକୁ ଫୋପାଡ଼ିଲା । ଦରଜୀର ଲୁଗାପଟା ସବୁ ମଇଳା ହୋଇଗଲା ।



ପାଇକ ସାଜିଲା, କାହାଳୀ ବାଜିଲା, ହାତୀ ଆଇଲା ଚାଲି ।
ଆସ ଆସ ଭାଇ, ଗୀତ ଗାଇ ଗାଇ, ଯିବା ନଦୀର ବାଲି ।

## ଦୀର୍ଘଊ-କାର ବନା

କ+ଊ=କୂ ଖ+ଊ=ଖୂ

ଗୂ ଘୂ ଚୂ ଛୂ ଜୂ ଝୂ ଟୂ ଠୂ ଡୂ ଢୂ ଣୂ ତୂ ଥୂ ଦୂ ଧୂ





**ମୂଷା କୂଅ ମୟୂର**

| | | | | |
|---|---|---|---|---|
| ପୂଜା | ମୂକ | ନୂତନ | ନଦୀକୂଳ | କ-କୂ |
| ଧୂପ | ନୂଆ | ମୂଳିଆ | କୂଅପାଣି | ଧ-ଧୂ |
| ଦୂତ | ଚୂନ | ନୂପୁର | ଅନୁକୂଳ | ଚ-ଚୂ |
| ଦୂର | ଧୂଳି | ମୂଷିକ | ସୂତାକାଟ | ଦ-ଦୂ |

ଅଇଲାଣି ବିଲେଇ । ମୂଷା ଯିବେ ପଳାଇ । ମୟୂର ନାଚଇ । ସପୁରୀ ପାଚଇ । କୂପଜଳ । ସୁଶୀତଳ । ଦୂର ବାଟ । ନୂଆ ହାଟ । ତରୁ ମୂଳ । ମୟୂର ଡାକ ଦୂରକୁ ଶୁଣାଯାଏ । ନୂତନ ବାଳକ ବାଳିକା । କୁମୁଦ କୁସୁମ ମାଳିକା ।



ଚୂଟିଆ ମୂଷା ରେ ଚୂଟିଆ ମୂଷା
ଧାନ-ମୁଗ ଖାଇ କରୁ ତୁ ବସା,
ଭୂମି ଖୋଳି ଘର କରୁଥା ଧୂଳି,
ଘର ଛାଡ଼ି ଆଜି ଯାଉଛୁ ଚୂଳି ।

# ଋ-କାର ଫଳା

କ+ଋ=କୃ          ଖ+ଋ=ଖୃ

ଗୃ ଘୃ ଚୃ ଛୃ ଜୃ ଝୃ ଟୃ ଠୃ ଡୃ ଢୃ ଣୃ ତୃ ଥୃ ଦୃ
ଧୃ ନୃ ପୃ ଫୃ ବୃ ଭୃ ମୃ ଯୃ ଶୃ ଷୃ ସୃ ହୃ



**ମୃଗ          ଶୃଗାଳ          କୃଷକ**

| | | | | |
|---|---|---|---|---|
| କୃଶ | ତୃଣ | କୃପା | ପୃଥିବୀ | କ-କୃ |
| ବୃଷ | ଗୃହ | ଘୃଣା | ବୃଷଭ | ପ-ପୃ |
| ବୃଥା | ଘୃତ | କୃଷି | ନୃତ୍ୟ | ବ-ବୃ |

ଧଳା ବୃଷ କୃଷକର. ବୃଷ ମୂଳକୁ ଯାଉଛି । କୃଷକ ଘରଣୀ ଗୃହ ଲିପୁଅଛି । ଗାଈକୁ ତୃଣ ଦିଅ ।

ବଡ଼ ହେଲେ ଜଣେ କୃଷକ ହେବି,
ନିଜ ଜମି ନିଜ ହାତେ ଚଷିବି ।
ପୃଥିବୀରେ କୃଷି ବଡ଼ ବେଉସା,
ସବୁ ଜାତିର ତା ଅଟେ ଭରସା ।
କୃଷିକାରୀ ହିତ କରେ ପୃଥିବୀର ।
କୃଷି କରି ପାଳେ ମାନବ ଶରୀର ।
ମୃଗ ତୃଣ ଖାଇ ବୁଲଇ ବନ ।
ବାଘ ବିନାଶଇ ତାର ଜୀବନ ।

## ଐ-କାର ବନା

କ+ଐ=କୈ ଖ+ଐ=ଖୈ

ଗୈ ଘୈ ଚୈ ଛୈ ଜୈ ଝୈ ଟୈ ଠୈ ଡୈ ଢୈ ଣୈ ତୈ ଥୈ ଦୈ





# ଶୈଳ ସୈନିକ ତୈଳ

ବୈଠା ବୈଠକ ବୈରାଗୀ କୈକେୟୀ | କ-କୈ
ଦୈବ ଶୈଶବ କୈଳାସ ବୈତରଣୀ | ବ-ବୈ
ହୈମ ବୈଶାଖ ବୈଦେହୀ ଶୈଳବାଳା | ଦ-ଦୈ

ମଥାରେ ତୈଳ ଲଗାଅ । ଛେଳି ଶୈଳ ଉପରେ ଚଢ଼ୁଅଛି । କୈଳାଶର ଶୈଶବ-କାଳରେ ତାଙ୍କୁ ବହୁତ ଔଷଧ ଦିଆ ହୋଇଥିଲା । ଭୈରବ ବୈରାଗୀ ହୋଇ ବୈଶାଖ ମାସରେ ପଳାଇଲା ।



ବୈଶାଖ ମାସେ ବଡ଼ ଖରା । ଅତି ତପତ ହୁଏ ଧରା ।

## ଔକାର ବନା

କ+ଔ=କୌ　　　　ଖ+ଔ=ଖୌ

ଗୌ ଘୌ ଚୌ ଛୌ ଜୌ ଝୌ ଟୌ ଠୌ ଡୌ ଢୌ ଣୌ ତୌ ଥୌ

ଦୌ ଧୌ ନୌ ପୌ ଫୌ ବୌ ଭୌ ମୌ ଯୌ ରୌ ଲୌ ଶୌ ଷୌ ସୌ ହୌ







**ନୌକା　　ଗୌତମ　　ଚୌକି**

| | | | | |
|---|---|---|---|---|
| ପୌଷ | ବୌଦ୍ଧ | ଗୌରବ | ଯୌବନ | କ-କୌ |
| ସୌଧ | ଦୌଡ଼ | କୌତୁକ | ଚୌକିଆ | ପ-ପୌ |
| ଗୌର | ମୌଜା | ଚୌକାଠ | କୌଶଳ | ଗ-ଗୌ |

ତୌଲ କର । ନୌକାଧର । ଲୌହ ଗୋଟିଏ ଧାତୁ । ସେଥିରୁ ଛୁରୀ, କଟୁରୀ, ଦାଆ, କୋଡ଼ ଆଦି ହୋଇଅଛି । ଗୌରୀ ସବୁବେଳେ ମୌନ ରହେ । ନୌପଡ଼ାର ଚୌକିଦାର କୌଶଳରେ ଚୌଧୁରୀ ଘରୁ ଦୌଡ଼ ପଳାଉଥିବା ଚୋରକୁ ଧରିଲା ।



ରାତି ଅଧରେ ଚୌକିଦାର, ବୁଲି ଡାକଇ ହୁସିଆର ।
ତାହାର ଡାକ ଶୁଣି ଚୋର, ପଳାଏ ହୋଇ ଡର ଡର ।
ପୌଷ ମାସ ବଡ଼ ଶୀତ, ସକାଳ ବୁଲି ବଡ଼ ହିତ ।

## (ଂ) ଅନୁସ୍ୱାର ଯୋଗ

ଅ+ଂ=ଅଂ  କ+ଂ=କଂ  ମା+ଂ=ମାଂ  ସି+ଂ=ସିଂ





# ହଂସ  ସିଂହ

| | | | |
|---|---|---|---|
| ଅଂଶ | ମାଂସ | ବିଂଶତି | କ-କଂ |
| ବଂଶ | କଂସା | ସଂସାର | ବ-ବଂ |
| କଂସ | ହିଂସା | ସଂବାଦ | ସ-ସଂ |



ସିଂହ ପଶୁରାଜ ଅଟେ । ହଂସ ଜଳରେ ସଂତରଣ କରେ । ଜୀବ ହିଂସା ନକର । ସିଂହ ବୁଲଇ ଘୋର ବନେ । ନାଶଇ ବହୁ ଜୀବଗଣେ । ବଂଶୀ ବାଜୁଛି ନଦୀ ତୀରେ । ହଂସ ଖେଳୁଛି ନଦୀ ନୀରେ ।



ହଂସ ଖେଳଇ ନଦୀ ଜଳେ,
ବଂଶୀ ବାଜଇ ଗଛଡାଳେ ।
ସିଂହ ଗରଜେ ଘୋର ବନେ ।
ଭୟ ଆସଇ ଜନମନେ !

## ( ଃ ) ବିସର୍ଗ ଯୋଗ

ଆ + ଃ = ଆଃ　　କ + ଃ = କଃ　　ନ + ଃ = ନଃ　　ଦୁ + ଃ = ଦୁଃ



# ଦୁଃଖୀ

ଦୁଃଖ　　ଓଃ　　ବାଃ ବାଃ　　ଦୁଃସାହସ

ଦୁଃଖିତ　　ଉଃ　　ଦୁଃସମୟ　　ନିଃସଂଶୟ

ଥରେ ଦୁଃଶାସନ ଗୋଡ଼ରେ ଗୋଟିଏ ବଥ ହେଲା । ବଥ ପାଚ ବଡ଼ ଧକ୍ଧକ୍ ହେଲା । ସେ ବଡ଼ ଦୁଃଖ ପାଇଲା । ତା ମା ବଡ଼ ଦୁଃଖିତ ହେଲେ । ଘର ପାଖର ଗୋଟିଏ ଲୋକ ଦେଖିବାକୁ ଆସିଲା । ସେ ବଥକୁ ଚିପି ଦେଲା । ଦୁଃଶାସନ ଉଃ ଉଃ ହେଲା । ଶେଷରେ ବଥଟି ଫାଟି ପୂଜ ଗଲା । ସେ କହିଲା, 'ଓଃ କି ଦୁଃଖ !' ଏହା ଶୁଣି ମା କହିଲେ, "ଦୁଃଖ ତ ଗଲା, ଏଣିକି ତ ଘା ଶୁଖିଯିବ ।"





ଦୁଃଖୀକୁ ପଇସାଏ ଦେବ; ଦୟା କରିବେ ବଳଦେବ ।
ପରକୁ ଦୟା ଯେ କରଇ, ବିଭୁର କୃପା ସେ ଲଭଇ ।
ସୁଖ ପରେ ଦୁଃଖ, ଦୁଃଖପରେ ସୁଖ, ଲାଗିଛି ସଦା ସଂସାର ।

## ( ँ ) ଚନ୍ଦ୍ରବିନ୍ଦୁ ଯୋଗ

ଉ+ ँ =ଉଁ      ଗ+ ँ =ଗଁ      କ+ ँ =କଁ      ବା+ ँ =ବାଁ







**କଇଁଫୁଲ      ଭଅଁର      ଚଅଁର**

| | | | |
|---|---|---|---|
| ଛୁଇଁ | ମାମୁଁ | ପାଉଁଶ | କଅଁଳ |
| ଭୁଇଁ | ମାଇଁ | ଚଅଁର | ମାଉଁସ |
| ମୁଆଁ | ନିଆଁ | ବାଉଁଶ | ଚଉଁରୀ |
| ଚିଆଁ | ଧୂଆଁ | ଅଇଁଷ | ପହଁରା |

ଅଁଳା ଫଳ କଷା ଲାଗେ । ପାଉଁଶ ତଳେ ନିଆଁ ଅଛି । ଲବ କୁଶ ଦୁହେଁ ଯାଆଁଳା ଭାଇ । ସାନ ବଡ଼ ବାରି ହୁଅଇ ନାହିଁ । ଚକା ଚକା ଭଉଁରୀ । ମାମୁଁ ଘର ଚଉଁରୀ ।



କଇଁଛ ବୋଲଇ ଠେକୁଆ ଭାଇ,
ଏତେବେଳ ଯାଏ ରହିଲୁ କାହିଁ ?
ବାଉଁଶ ବୁଦାକୁ ଛୁଇଁଲି ଆଗ
ହାରିଲୁ ଭାଇ ତୁ ନ କର ରାଗ ।

## ( ୍ ) ହଲନ୍ତ ଯୋଗ

କ୍ ଖ୍ ଗ୍ ଘ୍ ଚ୍ ଛ୍ ଜ୍ ଝ୍ ଟ୍ ଠ



# ଚକ୍‌ଚକ୍

| | | | |
|---|---|---|---|
| ସତ୍ | ଶରତ୍ | ଦୈବାତ୍ | ଟପ୍‌ଟପ୍ |
| ଚିତ୍ | ଜଗତ୍ | ଜକ୍‌ଜକ୍ | ଝଣ୍‌ଝଣ୍ |
| ଅସତ୍ | ଅବାକ୍ | ଧପ୍‌ଧପ୍ | ଚୁପ୍‌ଚାପ୍ |

ଦିନେ ଶରତ୍ ସାଇକେଲରେ ମାମୁଁ ଘରକୁ ଯାଉଥିଲା । ବାଟରେ ଗୋଟିଏ ବଣ ପଡ଼ିଲା । ବଣରେ ଯାଉ ଯାଉ ହଠାତ୍ ଗୋଟାଏ ବାଘ ଶରତ୍ ଆଡ଼କୁ ଧାଇଁ ଆସିଲା । ଶରତ୍ ଅବାକ୍ ହୋଇଗଲା । ବାଘ ଆଖି ଜକ୍‌ଜକ୍ ଦିଶୁଥିଲା । ଚକ୍‌ଚକ୍ ବିଜୁଳି ମାରିଲା । ବାଘ ଅବାକ୍ ହୋଇ ଧପ୍‌ଧପ୍ କରି ଚାଲିଗଲା ।





ଜାତୀୟ ପତାକା ଦେଖ ଉଡ଼େ ଫର୍‌ଫର୍,
ଯା ଲାଗି ଶହୀଦ ହେଲେ କେତେ ନାରୀ ନର ।
ପତାକା ଅଟଇ ଆମ ଜାତି ମହାଧନ,
ଜୀବନ ପଛକେ ଯାଉ ରଖ ତାର ମାନ ।

ଝୁଲ୍‌ରେ ହାତୀ ଝୁଲ୍ । ବା ପାଣି ଖାଇ ଝୁଲ୍ ।
ବା ପାଣି ଖାଇ ଫୁଲ୍ ।

( ଙ+କ=ଙ୍କ )








କଙ୍କଡ଼ା    ମାଙ୍କଡ଼    ଟଙ୍କା

| | | | |
|---|---|---|---|
| ପଙ୍କ | କଙ୍କଣ | ପଲଙ୍କ | କାଙ୍କଡ଼ |
| ଅଙ୍କ | ଶଙ୍କର | ପଙ୍କଜ | ଡାଙ୍କୁଣି |
| ବଙ୍କା | କଳଙ୍କ | ଖଙ୍କାର | କୁଙ୍କୁମ |
| ଡିଙ୍କ | ଝଙ୍କଡ଼ | ଆଙ୍କୁଡ଼ି | ସଙ୍କେତ |

ଦିନେ ରଙ୍କ ଓ ବାଙ୍କ ମାଙ୍କଡ଼ମାନଙ୍କୁ ଗୋଡ଼ାଇଲେ । ମାଙ୍କଡ଼ମାନେ ଗୋଟିଏ ଝଙ୍କାଳିଆ ବରଗଛ ଉପରକୁ ଚଢ଼ିଗଲେ । ସେହି ଗଛମୂଳେ ଗୋଟାଏ ବଡ଼ ହୁଙ୍କା ଥିଲା । ତହିଁରୁ ସାପଟାଏ ଫଁ କରି ବାହାରି ପଡ଼ିଲା । ଏହା ଦେଖି ଦୁହେଁ ଶଙ୍କିଯାଇ ଘରକୁ ପଳାଇଆସିଲେ ।



ଚଳଇ ସାପ ବଙ୍କା ବଙ୍କା ହୋଇ,
କେତେ ବାଙ୍କ ହୋଇ ବହଇ ନଈ,
ପିଲାଦିନେ ଶିଶୁ ବଙ୍କାକଥା କହି,
ହସାଏ ବାପ, ମା, ଭଉଣୀ, ଭାଇ ।

(ଙ+ଗ=ଙ୍ଗ)







# ବେଙ୍ଗ ଚିଙ୍ଗୁଡ଼ି ଡଙ୍ଗା

| | | | |
|---|---|---|---|
| ରଙ୍ଗ | ଭାଙ୍ଗ | ଟାଙ୍ଗଣ | ମଙ୍ଗଳ |
| ସାଙ୍ଗ | ଚେଙ୍ଗ | ଅଙ୍ଗାର | ସାଙ୍ଗେ |
| ଗଙ୍ଗା | ଡେଙ୍ଗା | ଆଙ୍ଗୁଳି | ସଙ୍ଗାତ |

ଗଙ୍ଗାଧର, ସାରଙ୍ଗ ଓ ଗୌରାଙ୍ଗ ଭାଇ ସାଙ୍ଗ । ଦିନେ ସେମାନେ ଲିଙ୍ଗରାଜ ଠାକୁରଙ୍କୁ ଦେଖିବାକୁ ଗଲେ । ବାଟରେ ଡଙ୍ଗାରେ ଗଙ୍ଗୁଆ ନଈ ପାର ହେଲେ । ସେଦିନ ଭାଗ୍ୟ ଖରାପ ହେଲା । ସେମାନେ ଟିକିଏ ଭାଙ୍ଗ ପଣା ପିଇଲେ । କେତେ ରଙ୍ଗରେ ହସିଲେ । ଆଉ ଟାଙ୍ଗିରେ ଚାଲି ପାରିଲେ ନାହିଁ । ଗୋଟିଏ ଝୁଙ୍ଗିରେ ଶୋଇ ପଡ଼ିଲେ । ଲିଙ୍ଗରାଜ ଠାକୁରଙ୍କୁ ଦେଖିବା କଥା ସେଦିନ ତାଙ୍କର ହେଲା ନାହିଁ ।



ପବନ ବହଇ ମେଘ ବରଷଇ
ଚାରିଆଡ଼େ ବହେ ପାଣି,
ପୋଖରୀ କୂଳରେ କେଁ କଟର ହୋ
ବେଙ୍ଗ ଓ ବେଙ୍ଗୁଲିରାଣୀ ।

(ନ+ତ=ନ୍ତ)







| | | |
|---|---|---|
| ଦାନ୍ତ | ତନ୍ତ | ଯନ୍ତା |

| | | | |
|---|---|---|---|
| ଅନ୍ତ | କାନ୍ତ | ଅନନ୍ତ | ହନ୍ତସନ୍ତ |
| ଶାନ୍ତ | ବାନ୍ତି | ବସନ୍ତ | ଅସରନ୍ତ |
| ଚିନ୍ତା | ତନ୍ତୀ | ଜଳନ୍ତା | ଗନ୍ତାଘର |
| ଶାନ୍ତି | ଜନ୍ତୁ | ସନ୍ତୁଳା | ଦନ୍ତାହାତୀ |

ବସନ୍ତକାଳରେ ବାସନ୍ତୀପୂଜା ହେଲା । ସୁମନ୍ତ ଓ ଶାନ୍ତ ବାସନ୍ତୀ ପୂଜା ଦେଖି ଗଲେ । ଜଳଖିଆ ଦୋକାନରୁ ଗୁଡ଼ାଏ ଜଳଖିଆ କିଣି ଖାଇଲେ । ପାହାନ୍ତା ଯାଏ ଯାତରା ଦେଖିଲେ । ସକାଳୁ ଦୁହେଁ ବାନ୍ତି କଲେ । ବହୁତ ହନ୍ତସନ୍ତ ହେଲେ । ଔଷଧ ଖାଇ ପରେ ଶାନ୍ତ ହେଲେ ।



ଆସଇ ବସନ୍ତ ଶିଶିର ଅନ୍ତେ,
ଫୁଲ ଫୁଟି ଧରା ହସେ କେମନ୍ତେ ।

( ଣ+ଡ=ଣ୍ଡ )







# ମୁଣ୍ଡ ଭେଣ୍ଡି ଗେଣ୍ଡା

| | | | |
|---|---|---|---|
| କାଣ୍ଡ | ହାଣ୍ଡି | ଭଣ୍ଡାରି | ଖଣ୍ଡପଡ଼ା |
| ଦାଣ୍ଡ | ଗଣ୍ଡି | ଚଣ୍ଡାଳ | ଲଣ୍ଡଭଣ୍ଡ |
| ଖଣ୍ଡା | ପେଣ୍ଡ | ପଣ୍ଡିତ | ଦଣ୍ଡବତ |
| ଅଣ୍ଡା | ଗେଣ୍ଡା | ଏଣ୍ଡୁଅ | ମୁଣ୍ଡାମୁଣ୍ଡା |

ଖଣ୍ଡପଡାରେ ଗୋଟିଏ ଅସୁର ଥାଏ । ଲୋକେ ପାଳି କରି ତାକୁ ଖାଇବାକୁ ଦିଅନ୍ତି । ଦିନେ ସନେଇ ପଣ୍ଡାର ପାଳି ପଡ଼ିଲା । ସେ ମଣ୍ଡା ଓ ଏଣ୍ଡୁରି ପିଠା ଗଣ୍ଡିଏ ନେଇ ଅସୁରକୁ ଦେଲା । ଭୀମ ବୋଲି ଗୋଟିଏ ବଡ ବୀର ଥିଲେ । ସେ ଗୋଟିଏ ଖଣ୍ଡାରେ ଅସୁରକୁ ଦୁଇଖଣ୍ଡ କରିଦେଲେ । ମଣ୍ଡା ଓ ଏଣ୍ଡୁରିପାକ ଗଣ୍ଡା ଗଣ୍ଡା କରି ଖାଇଗଲେ । ଅସୁର ମଲାରୁ ଦେଶ ଥଣ୍ଡା ପଡ଼ିଗଲା ।



ଲଣ୍ଡାବରଗଛ ମୂଳରେ ବସି,
ପଣ୍ଡିତ ପଢ଼ାନ୍ତି ପିଲଙ୍କୁ ହସି ।

(ନ+ଦ=ନ୍ଦ)





# ଚାନ୍ଦ ଜନ୍ଦା ମନ୍ଦିର

| | | | |
|---|---|---|---|
| କନ୍ଦ | ଜନ୍ଦା | ଆନନ୍ଦ | ନଣନ୍ଦ |
| ଫାନ୍ଦ | ଧନ୍ଦା | ମନ୍ଦାର | ବନ୍ଦାଣ |
| ଫନ୍ଦା | ବନ୍ଦୁ | ଗୋବିନ୍ଦ | ଚାନ୍ଦୁଆ |
| ହିନ୍ଦି | ଇନ୍ଦୁ | ସିନ୍ଦୂର | ସନ୍ଦେଶ |

ନନ୍ଦବାବୁଙ୍କ ପୁଅ ନାମ ଗୋବିନ୍ଦ । ଦିନେ ଗୋବିନ୍ଦ ଚାନ୍ଦପାଇଁ କାନ୍ଦିଲା । ମା କେତେ କନ୍ଦ ଖାଇବାକୁ ଦେଲେ । ସେ ଆଦୌ ବୁଝିଲା ନାହିଁ । ଖାଲି ଚାନ୍ଦ ଆଡ଼କୁ ହାତ ବଢ଼ାଇ କାନ୍ଦିଲା । ଶେଷରେ ତାର ବାପ ଆସିଲେ । ସେ ଅଇନାଟିଏ ତା ହାତରେ ଦେଲେ । ଗୋବିନ୍ଦ ସେଥିରେ ଚାନ୍ଦ ଦେଖିଲା । ଚାନ୍ଦ ପାଇଁ ଆଉ ସେ କାନ୍ଦିଲା ନାହିଁ ।



ଚାନ୍ଦ ପାଇଁ କାନ୍ଦେ ଗୋବିନ୍ଦ
କହେ ସୁନ୍ଦର ଦିଶେ,
ମାଆ କହେ ବାପ ନ କାନ୍ଦ,
ସେ ଯେ ଆକାଶେ ହସେ ।

( ମ+ବ=ମ୍ବ )







# ଆମ୍ବ　　ଲେମ୍ବୁ　　ଡିମ୍ବ

| | | | |
|---|---|---|---|
| ଖମ୍ବ | ତମ୍ବା | ଡାଳିମ୍ବ | ଖମ୍ବଆଳୁ |
| ଲମ୍ବ | ତୁମ୍ବା | ଆମ୍ବଡ଼ା | ବିମ୍ବାଧର |
| ଶିମ୍ବ | ତମ୍ବୁ | ବିଳମ୍ବ | ପିତାମ୍ବର |
| ନିମ୍ବ | କମ୍ବୁ | ଆମ୍ବିଳ | ଲମ୍ବୋଦର |

ସମ୍ବଲପୁର ସହରରେ ଡମ୍ବରୁର ଗୋଟିଏ ଆମ୍ବ ଦୋକାନ । ସେ ଆମ୍ବ, ଲେମ୍ବୁ ଓ ଡାଳିମ୍ବ ଆଦି ବିକେ । ଆମ୍ବୁଲ ଓ ଆମ୍ବସଢ଼ା ଦୋକାନରେ ରଖିଥାଏ । ସେ ନିତି ସକାଳୁ ଦୋକାନକୁ ଯାଏ । କେବେ ବିଳମ୍ବ କରେନାହିଁ ।



କୋଇଲି ଦେଇଣ ଡିମ୍ବ
ନ ପାରେ ଫୁଟାଇ,
କୁଆବସା ଦେଖି ଦିଏ
ତହିଁରେ ବସାଇ ।
ଡିମ୍ବ ଫୁଟି ଛୁଆ ତହିଁ
ହୋଇଲେ ବାହାର,
ଆଚମ୍ବିତେ କହେ କୁଆ,
ଏ ଛୁଆ କାହାର ?

( ଣ + ଟ = ଣ୍ଟ )






# ଥଣ୍ଟ ଘଣ୍ଟି ଘଣ୍ଟା

| | | | |
|---|---|---|---|
| ଖଣ୍ଟ | ଘଣ୍ଟ | ଖୁଣ୍ଟା | କଣ୍ଟକ |
| ଖୁଣ୍ଟ | କଣ୍ଟା | ଥେଣ୍ଟା | ଟିଣ୍ଟିକା |
| ଆଣ୍ଟ | ମେଣ୍ଟ | ତଣ୍ଟି | କଣ୍ଟିଆ |
| ଅଣ୍ଟା | ବେଣ୍ଟ | ଖାଣ୍ଟି | ଟୁଣ୍ଟିଆ |



କୁନ ଓ ମଣ୍ଟୁ ଗୋଟିଏ ପୋଖରୀରେ ପଶିଲେ । ଦୁଇଘଣ୍ଟା କାଳ ମାଛ ଧରିଲେ । ଦୁହେଁ ଖାଲି କଣ୍ଟିଆ ମାଛ ପାଇଲେ । ମଣ୍ଟୁ ସବୁ ମାଛଯାକ ଅଣ୍ଟାରେ ପୂରାଇଲା । ଗୋଟିଏ କଣ୍ଟିଆ ତା ଦେହକୁ ଫୁଟାଇଦେଲା । ତା'ପରେ ଦୁଇଜଣଯାକ ମାଛତକ ବାଣ୍ଟି ନେଲେ ।

ଗଧିଆ ତଣ୍ଟିରେ ଲାଗିଗଲା ମାଛକଣ୍ଟା,<br>
ଥଣ୍ଟେ କାଢ଼ିଦେଲା ବଗ ଲାଗି ଅଧଘଣ୍ଟା ।

( ଞ+ଚ=ଞ୍ଚ )

  

## ବେଞ୍ଚ ଛାଞ୍ଚୁଣି ବିଞ୍ଚଣା

| | | | |
|---|---|---|---|
| ପାଞ୍ଚ | କଞ୍ଚା | ଚଞ୍ଚଳ | ପାଞ୍ଚଣ |
| ଛାଞ୍ଚ | ମଞ୍ଚା | କାଞ୍ଚନ | ବିରଞ୍ଚି |
| ଲାଞ୍ଚ | ଛଞ୍ଚି | ଛଞ୍ଚାଣ | ପଞ୍ଚୁଆ |
| କୁଞ୍ଚ | କଞ୍ଚି | ବିଚଞ୍ଚି | କେଞ୍ଚୁଆ |

ଗଲା ପଞ୍ଚୁକରେ ବିରଞ୍ଚି ଓ ପଞ୍ଚାନନ ପଞ୍ଚଦେବତା ଦେଖିବାକୁ ଗଲେ । ମୁଁ ତାଙ୍କ ସଙ୍ଗରେ ଗଲି । ପାଞ୍ଚଙ୍କର ଭେଟ ନେଲୁଁ । ଭେଟ କରିସାରି ଆମେ ଚଞ୍ଚଳ ଫେରିଆସିଲୁ । ଘରେ ପହଞ୍ଚୁ ପହଞ୍ଚୁ ବହୁତ ରାତି ହୋଇଗଲା ।



ମଞ୍ଚାରୁ ପଡ଼ି ମାମୁଁ ମଲା,
ମୋତେ ତ ଦଇବ ରଖିଲା ।
ଯେ ଜନ ପାଞ୍ଚେ ପର ମନ୍ଦ,
ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ ।

—ଏକ—

କ + ଯ = କ୍ୟ — ବାକ୍ୟ, ମନୁଷ୍ୟ, ବିଦ୍ୟାଳୟ ।
କ + ର = କ୍ର — ବକ୍ର, ସମୁଦ୍ର, ପରିଶ୍ରମ, ଗ୍ରାମ ।
କ + ଲ = କ୍ଲ — ଶୁକ୍ଳ, କ୍ଲେଶ, ଅମ୍ଳ, ଅଶ୍ଳୀଳ ।
କ + ବ = କ୍ୱ — ପକ୍ୱ, ଈଶ୍ୱର, ଆଶ୍ୱିନ
ହ + ନ = ହ୍ନ — ଜହ୍ନ, ମଧ୍ୟାହ୍ନ, ଜଗନ୍ନାଥ
ଦ + ମ = ଦ୍ମ — ପଦ୍ମ, ବ୍ରାହ୍ମଣ, ଅକସ୍ମାତ
ଖ + (ରେଫ୍) = ର୍ଖ — ମୂର୍ଖ, ଦୁର୍ବଳ, ପରାମର୍ଶ ।



ପଦ୍ମଲୋଚନ ବିଦ୍ୟାଳୟକୁ ଯାଉଅଛି । ଦୁର୍ବଳ ଲୋକ ପରିଶ୍ରମ କରି ପାରେ ନାହିଁ । ଶୁକ୍ଳପକ୍ଷରେ ଜହ୍ନମାମୁଁ ବଢ଼େ । ସନ୍ନ୍ୟାସୀ ଦ୍ୱାରେ ଦ୍ୱାରେ ଭିକ ମାଗୁଛନ୍ତି । ସର୍ବଦା ନିଜ କାର୍ଯ୍ୟରେ ମନ ଦିଅ । ପୁରୀ ଜଗନ୍ନାଥ ମନ୍ଦିର ପାଇଁ ବିଖ୍ୟାତ ।

ଆଶ୍ୱିନ ମାସରେ ଦେବୀ ଯାତର,
ଘରେ ଘରେ ହୁଏ ମଣ୍ଡା କାକର ।"

—ଦୁଇ—

ଞ + ଛ = ଞ୍ଛ — ଉଞ୍ଛ, ବାଞ୍ଛା, ଲାଞ୍ଛନା ।
ଞ + ଜ = ଞ୍ଜ — ଖଞ୍ଜ, ମଞ୍ଜା, କାଞ୍ଜି, ଅଞ୍ଜୁଳା
ଞ + ଝ = ଞ୍ଝ — ପଞ୍ଝା ।
ଙ + ଖ = ଙ୍ଖ — ଶଙ୍ଖ, ପଙ୍ଖା, ସଙ୍ଖୁଡ଼ି ।
ଙ + ଘ = ଙ୍ଘ — ଜଙ୍ଘ, ଜଙ୍ଘିଆ ।
ଣ + ଠ = ଣ୍ଠ — କଣ୍ଠ, ପେଣ୍ଠା, ଶୁଣ୍ଠି, ଆଣ୍ଠୁ
ଣ + ଢ଼ = ଣ୍ଢ — ଷଣ୍ଢ, ମେଣ୍ଢା, କଣ୍ଢେଇ ।
ମ + ଭ = ମ୍ଭ — ଦମ୍ଭ, ରମ୍ଭା, କୁମ୍ଭାର, କୁମ୍ଭୀର
ମ + ପ = ମ୍ପ — ଡମ୍ପ, ଫମ୍ପା, ସମ୍ପଦ ।
ମ + ଫ = ମ୍ଫ — ବାମ୍ଫ, ଗୁମ୍ଫା, ବାମ୍ଫୀ ।
ନ + ଥ = ନ୍ଥ — କାନ୍ଥ, କନ୍ଥା, ମନ୍ଥିବା ।
ନ + ଧ = ନ୍ଧ — ଅନ୍ଧ, ଗାନ୍ଧି, ବନ୍ଧ, ଅନ୍ଧୁ



ବାଞ୍ଛାନିଧି ଶଙ୍ଖ ବଜାଉଛି । କୁଞ୍ଜ ଜଙ୍ଘିଆ ପିନ୍ଧିବ । ଶ୍ରୀକଣ୍ଠ ମେଣ୍ଢା ଚରାଏ । କାନ୍ଥ ଉପରେ ପଞ୍ଝାଏ ଚଢ଼େଇ ବସିଥିଲେ । ଡମ୍ପସାପ ଗୁମ୍ଫାରେ ଫଁ ଫଁ ଗର୍ଜୁଛି । କୁମ୍ଭାର ଗଡ଼ିଆରେ କୁମ୍ଭୀର ପଶିଅଛି । ଖଣ୍ଡଗିରିରେ ଅନେକ ପ୍ରାଚୀନ ଗୁମ୍ଫା ଅଛି । ଗାନ୍ଧିଙ୍କ ଯୋଗୁ ଭାରତ ସ୍ୱାଧୀନ ହୋଇଅଛି ।

ପଞ୍ଝାଏ ଖଞ୍ଜ ବସି ବସି, କଥା କହନ୍ତି ହସିହସି ।
କାଞ୍ଚନେ ବାଞ୍ଛା ନାହିଁ ମୋର, ମାଗଇ ପ୍ରଭୁ କୃପା ତୋର ।